# ପିଲାଙ୍କ ଧରିତ୍ରୀ

ଶନିବାର, ୧୦ ଅଗଷ୍ଟ, ୨୦୧୯



କବିତା ୬

ଆଇନା ୮

୩ ରାଖୀ-ପର୍ବ ଭଲପାଇବାର

## ଖି ଲି ଖି ଲି ହସ

■ଦିନେ ପପୁ ସିଙ୍ଗଡା ଖୋଲି ତା' ଭିତର ଅଂଶ ଖାଉଥିଲା। ଏହା ଦେଖି ତା ସାଙ୍ଗ କହିଲା–ଆରେ ପପୁ ତୁ ପୁରା ସିଙ୍ଗଡା ଖାଉନୁ କାହିଁକି ?
ପପୁ– ଆରେ ମୋ ଦେହ ଖରାପ୍....ନା, ସେଥିପାଇଁ ଡାକ୍ତର ମନା କରିଛନ୍ତି ବାହାର ଖାଦ୍ୟ ଖାଇବାକୁ ।

■ମାଲିକ: ଆରେ ରାମୁ ଘଣ୍ଟାରେ କେତେଟା ବାଜିଛି ଦେଖିଲୁ ?
ରାମୁ: ମୋତେ ଘଣ୍ଟା ଦେଖି ଆସେନି ।
ମାଲିକ: କିଛି କଥା ନାହିଁ, ଖାଲି ଏତିକି କହ ଘଣ୍ଟାର ଦୁଇଟି କଣ୍ଟା କେଉଁଠି ଅଛି ?
ରାମୁ:ଆଜ୍ଞା, ଦୁଇଟା ଯାକ କଣ୍ଟା ଘଣ୍ଟା ଭିତରେ ଅଛି।

■ଜଣେ ଓକିଲ ପ୍ରଥମ କରି ତାଙ୍କ ଚାମ୍ବର ଖୋଲିଲେ। ତା'ର ଦୁଇ ଦିନ ପରେ ପ୍ରଥମ କ୍ଲାଏଣ୍ଟକୁ ଆସିବାର ଦେଖି, ମିଛରେ ନିଜ ବ୍ୟସ୍ତତା ଦେଖାଇବା ଲାଗି ଲ୍ୟାଣ୍ଡଫୋନ୍‌କୁ ଉଠାଇ କଥା ହେବାରେ ଲାଗିଲେ। ଏହା ପରେ ବ୍ୟକ୍ତିଙ୍କୁ ପଚାରିଲେ–କୁହନ୍ତୁ, ମୁଁ ଆପଣଙ୍କ କି ସେବା କରିପାରେ ?
ବ୍ୟକ୍ତି ଜଣକ ଭାବିଚିନ୍ତି କହିଲେ– ମୋର କ'ଣ ସେବା କରିବେ ମୁଁ ତ ଆପଣଙ୍କ ଟେଲିଫୋନ୍ ସଜାଡିବାକୁ ଆସିଥିଲି।

# ଅତୁଟ ବନ୍ଧନ
# ରକ୍ଷା ବନ୍ଧନ

ଗପ



ସକାଳ ଛଅଟା। ତରବର ହୋଇ ଉଠି ବସିଲେ ଶ୍ୟାମସୁନ୍ଦର ବାବୁ। ଆଜି ରାଖୀ ପୂର୍ଣ୍ଣିମା। ସବୁ ବର୍ଷ ପରି ଏବର୍ଷ ମଧ ସେ ତାଙ୍କ ପ୍ରିୟ ସାନ ଭଉଣୀ ଘରକୁ ଯିବେ। ଦୁଇ ବର୍ଷ ହେଲା ସେ ପ୍ରଧାନ ଶିକ୍ଷକ ପଦରୁ ଅବସରଗ୍ରହଣ କରିଛନ୍ତି। ହେତୁ ପାଇବା ଦିନରୁ ଏହି ଦିନକୁ ଚାତକ ପରି ଚାହିଁ ରହିଥାନ୍ତି। ଏହି ଦିନ ଗେହ୍ଲା ଭଉଣୀ ତାଙ୍କ ହାତରେ ରାଖୀ ବାନ୍ଧିଦିଏ। ବିବାହ ପରେ ସେ ପ୍ରତ୍ୟେକ ବର୍ଷ ରାଖୀ ପୂର୍ଣ୍ଣିମାକୁ ଭଉଣୀ ଘରକୁ ଯାଆନ୍ତି। ଜଣେ ଦକ୍ଷ, କର୍ମନିଷ୍ଠ, ଛାତ୍ରବତ୍ସଳ ପ୍ରଧାନ ଶିକ୍ଷକ ଓ ସାଂସାରିକ ଜଞ୍ଜାଳ ମଧ୍ୟରେ କେବେ ବି ସେ ଏହି ଦିନକୁ ଭୁଲିଯାଇନାହାନ୍ତି।

ଖୋଲା ଆକାଶକୁ ଚାହିଁଲେ ଶ୍ୟାମସୁନ୍ଦର ବାବୁ। ମେଘଭରା ଆକାଶ। ଘନ ଘନ ବିଜୁଳି ମାରୁଛି। ଭୀଷଣ ବର୍ଷା ସାଙ୍ଗକୁ ଘଡଘଡିର ବିକଟାଳ ଶବ୍ଦ ସାରା ସକାଳଟାକୁ କିପରି ଏକ ଭୟାକୁଳ ପରିବେଶ ରୂପେ ପ୍ରତିପାଦନ କରୁଛି। ତଥାପି ଶ୍ୟାମସୁନ୍ଦର ବାବୁ ସକାଳର ନିତ୍ୟକର୍ମ ଆରମ୍ଭ କଲେ। ସକାଳ ଦଶଟା ସୁଧା ମିନି ଘରେ ପହଞ୍ଚିବାକୁ ହେବ। କେତେ ସକାଳୁ ଉଠି ସେ ମୋ ବାଟକୁ ଚାହିଁ ରହିଥିବ। ଟିକେ ଡେରି ହେଲେ ବ୍ୟସ୍ତ ବିବ୍ରତ ହୋଇପଡିବ। ପୁଣି କାଲି ବଜାରରୁ ତା ପାଇଁ ଏକ ସୁନ୍ଦର ସମ୍ବଲପୁରୀ ଶାଢି କିଣିଛି। ନ ଗଲେ ମୋ ନିଜ ମନଟା ବି ଭଲଲାଗିବ ନାହିଁ ।

ଏସବୁ ଭାବି ଗାଧୁଆ ଘରକୁ ଯିବାକୁ ଉଦ୍ୟତ ହେଲେ, ହଠାତ୍ ଫୋନ ଆସିଲା। ଶ୍ୟାମସୁନ୍ଦର ବାବୁ ମୋବାଇଲ ଧରି ହାଲୋ... କହିଲେ। ସେ ପଟୁ ଅତି ମଧୁର ସ୍ୱରରେ ତାଙ୍କ ଗେହ୍ଲୀ ଭାଣିଜୀ କହିଲା। ମାମୁଁ କେତେବେଳେ ଆସୁଛନ୍ତି? ଶୀଘ୍ର ଆସନ୍ତୁ ମମି ବ୍ୟସ୍ତ ହେଉଛି। ଶ୍ୟାମସୁନ୍ଦରବାବୁ ମୃଦୁ ହସି କହିଲେ, ହଁ ମୁଁ ଦଶଟା ଭିତରେ ଯାଇ ପହଞ୍ଚିବି। ଆଚ୍ଛା ହଉ କହି ମୁନ୍‌ମୁନ୍ ଫୋନ କାଟିଦେଲା।

ମୁନ୍‌ମୁନ୍ ମିନିର ଗୋଟିଏ ବୋଲି ଝିଅ। ଚତୁର୍ଥ ଶ୍ରେଣୀରେ ପଢେ। ଶ୍ୟାମସୁନ୍ଦର ବାବୁଙ୍କର ଅତି ଗେହ୍ଲା ଭାଣିଜୀ। ବହୁତ ସ୍ନେହ କରନ୍ତି ତାକୁ। ମୁନ୍‌ମୁନ୍ ପାଇଁ ବି ଶ୍ୟାମସୁନ୍ଦର ବାବୁ ଏକ ସୁନ୍ଦର ଗପ ବହି କିଣିଛନ୍ତି। କାରଣ ସେ ଗପ ବହି ପଢିବାକୁ ଭଲପାଏ। ବର୍ଷା ଟିକେ ଛାଡିଯିବାରୁ ଶ୍ୟାମସୁନ୍ଦର ବାବୁ ମିନି ଘରକୁ ବାହାରିଲେ। ସାଢେ ଦଶଟା ସୁଦ୍ଧା ମିନି ଘରେ ପହଞ୍ଚିଲେ। ଭାଇଙ୍କୁ ଦେଖି ମିନି ଖୁସିରେ କାନ୍ଦି ପକାଇଲା। ଶ୍ୟାମସୁନ୍ଦର ବାବୁଙ୍କୁ ମୁଣ୍ଡିଆମାରି ଘରକୁ ପାଛୋଟି ନେଲା। ମୁନ୍‌ମୁନ୍ ମଧ ଶ୍ୟାମସୁନ୍ଦର ବାବୁଙ୍କୁ ନମସ୍କାର କଲା। ଶ୍ୟାମସୁନ୍ଦର ବାବୁ ଲକ୍ଷ୍ୟ କଲେ ମୁନ୍‌ମୁନ ମୁହଁରେ ଖୁସି ନାହିଁ। ରାଖୀ ପୂର୍ଣ୍ଣିମାରେ ପିଲାମାନେ ଯେପରି ଆନନ୍ଦ ଅନୁଭବ କରନ୍ତି, ତା ମୁହଁରେ ସେପରି କିଛି ନ ଥିଲା। ତା ଚିନ୍ତାଶୀଳ ମୁହଁକୁ ଦେଖି ଶ୍ୟାମସୁନ୍ଦର ବାବୁ କହିଲେ, ମୁନ୍‌ମୁନ୍ ତୋର କ'ଣ ହୋଇଛି? ଏହି ସମୟ ମଧ୍ୟରେ ମିନି ଶ୍ୟାମସୁନ୍ଦର ବାବୁଙ୍କ ହାତରେ ରାଖୀ ବାନ୍ଧିସାରିଥିଲା। ଶ୍ୟାମସୁନ୍ଦର ବାବୁ ଆଣିଥିବା ଉପହାରଟି ମିନି ହାତକୁ ବଢେଇଦେଲେ। ଆନନ୍ଦ ମନରେ ମିନି ଶାଢିଟି ଖୋଲି ଦେଖିବାରେ ଲାଗିଲା। କିନ୍ତୁ ମୁନ୍‌ମୁନ୍ ପୁରା ଚୁପଚାପ ଠିଆ ହୋଇଥାଏ। ତା' ମୁହଁରେ ଖୁସିର ଲେସ ମାତ୍ର ଝଲକ ନ ଥିଲା। ଶ୍ୟାମସୁନ୍ଦର ବାବୁ ମୁନ୍‌ମୁନ୍‌କୁ ଗେହ୍ଲା କରି କହିଲେ ମୋ ମା'ର କ'ଣ ହୋଇଛି? କାହିଁକି ତା' ମନରେ ଖୁସି ନାହିଁ? ଏହା ଶୁଣି ମୁନ୍‌ମୁନ୍‌ର ମା' କହିଲେ ସକାଳୁ ଗୋଟିଏ କଥା କହୁଛି। ମା' ମୋର କାହିଁକି ଭାଇ ନାହିଁ। ମୋ ସାଙ୍ଗମାନେ ସମସ୍ତେ ନିଜ ନିଜ ଭାଇମାନଙ୍କ ହାତରେ ରାଖୀ ବାନ୍ଧୁଛନ୍ତି। କିନ୍ତୁ ମୁଁ କାହା ହାତରେ ରାଖୀ ବାନ୍ଧିବି? ଏଇଥିପାଇଁ ତା'ର ମନରେ ଆଜି ହରଷ ନାହିଁ। ଶ୍ୟାମସୁନ୍ଦର ବାବୁ ମୁନ୍‌ମୁନ୍‌କୁ କୋଳକୁ ଆଉଜେଇ ନେଇ କହିଲେ, ଇଏ ଗୋଟିଏ କଥା। ଆ ମୋ ସହିତ ତୁ କାହାକୁ ରାଖୀ ପୂର୍ଣ୍ଣିମାରେ ରାଖୀ ବାନ୍ଧିବୁ ମୁଁ ତୋତେ କହିବି। ଏହା କହି ଶ୍ୟାମସୁନ୍ଦର ବାବୁ ମୁନ୍‌ମୁନ୍‌କୁ ଠାକୁର ଘରକୁ ନେଇଗଲେ। କହିଲେ କହିଲୁ ମା' ଏ କାହାର ଫଟୋ? ମୁନ୍‌ମୁନ୍ କହିଲା, ଏ ଫଟୋ କୃଷ୍ଣଙ୍କର। କୃଷ୍ଣ କାହାର ଭାଇ କହିଲୁ? ମୁନ୍‌ମୁନ୍ କହିଲା, ବଳରାମଙ୍କ ଭାଇ। ଶ୍ୟାମସୁନ୍ଦର ବାବୁ କହିଲେ, ତୁ ଠିକ୍ କହିଲୁ। ଏଇ ରାଖୀ ପୂର୍ଣ୍ଣିମାରେ ବଳରାମ ଜନ୍ମଗ୍ରହଣ କରିଥିଲେ। ତେଣୁ ଗୋପପୁରରେ କୃଷ୍ଣ ସହିତ ସବୁ ଗୋପପୁର ବାସୀ ବଳରାମଙ୍କୁ ଏହିଦିନ ରାଖୀ ବାନ୍ଧି ଦେଉଥିଲେ। ଦ୍ୱାପର ଯୁଗରୁ ଆଜି ପର୍ଯ୍ୟନ୍ତ ଏହି ଦିନ ବଳରାମଙ୍କୁ ରାଖୀ ବାନ୍ଧି ଦିଆଯାଉଛି। ତୁ ତ କୃଷ୍ଣଙ୍କୁ ବହୁତ ମାନୁ ଓ ତାଙ୍କୁ ମନେ ମନେ ବହୁତ ଧ୍ୟାନ କରୁ। ତେଣୁ କୃଷ୍ଣଙ୍କ ବଡ଼ଭାଇ ବଳରାମ ତୋର ଭାଇ। ତାଙ୍କୁ ତୁ ପ୍ରତ୍ୟେକ ବର୍ଷ ରାଖୀ ପୂର୍ଣ୍ଣିମାରେ ରାଖୀ ବାନ୍ଧି ଦେବୁ। ତା' ସହିତ କୃଷ୍ଣଙ୍କୁ ମଧ ରାଖୀ ବାନ୍ଧିବୁ। ରାମ ଓ କୃଷ୍ଣ ତୋର ସବୁ ଦାୟିତ୍ୱ ନେବେ। ସବୁ ବିପଦ ଆପଦରୁ ଭାଇ ପରି ତୋତେ ରକ୍ଷା କରିବେ। ବଳରାମ ଓ କୃଷ୍ଣ ତୋତେ ସବୁବେଳେ ଉପହାର ସ୍ୱରୂପ ଆଶୀର୍ବାଦ ପ୍ରଦାନ କରିବେ। ଆଉ କେବେ ତୋ ମନରେ ଭାଇର ଅଭାବ ରଖିବେ ନାହିଁ। ଏହା ଶୁଣି ମୁନ୍‌ମୁନ୍ ବହୁତ ଖୁସି ହୋଇଗଲେ। ମା'ଙ୍କ ହାତରୁ ରାଖୀ ଆଣି କୃଷ୍ଣ ଓ ବଳରାମଙ୍କ ହାତରେ ବାନ୍ଧି ଦେଲା। ଶ୍ୟାମସୁନ୍ଦର ବାବୁଙ୍କ ହାତରୁ ବହିଟି ନେଇ ଖୁସି ମନରେ ଚାଲିଗଲା। ତାର ଖୁସି ଦେଖି ଉଭୟ ମିନି ଓ ଶ୍ୟାମସୁନ୍ଦର ବାବୁ ବହୁତ ଖୁସି ହେଲେ।

– ମନିଷା ରାୟ
ଶେଖ୍ ବଜାର, ନିୟୁ କଲୋନୀ, କଟକ
ମୋ: ୮୮୯୫୫୯୩୮୭୫

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଆମ ଠିକଣା
dharitrifeature@gmail.com

## ବିନ୍ଦୁ ଯୋଡ଼



## ମତାମତ

➤ଗଳ୍ପ ସ୍ତମ୍ଭରେ ପ୍ରକାଶିତ 'ମୋ କାମ ମୁଁ କରୁଛି' ଟି ପିଲାଙ୍କ ପାଇଁ ବେଶ୍ ଶିକ୍ଷଣୀୟ ହୋଇଛି। ମିଳିମିଶି କାମ କଲେ ଅସମ୍ଭବକୁ ସମ୍ଭବ କରିହେବ ତାହା ଏହି ଗପରୁ ଜାଣିବାକୁ ମିଳିଲା।
– ମାନସ ରଞ୍ଜନ ସାହୁ
ପଲ୍ଲାହାଟ, ଖୋର୍ଦ୍ଧା

➤ଶିଶୁ ପ୍ରତିଭା ସ୍ତମ୍ଭରେ ଆୟୁଷ ରଞ୍ଜନଙ୍କ ଆଇଟି କ୍ଷେତ୍ରରେ ପ୍ରତିଭା ନିଶ୍ଚୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବ।
–ଦିବ୍ୟାଂଶୁ ମହାପାତ୍ର
ପାଟଣାଗଡ,ବଲାଙ୍ଗୀର

➤କବିତା ସ୍ତମ୍ଭରେ ପ୍ରକାଶିତ ଗଛ ସମ୍ପର୍କିତ କବିତାଟି ବେଶ୍ ହୃଦୟସ୍ପର୍ଶୀ ଥିଲା।
–ଅଙ୍କିତା, ସୋମା
ଖଣ୍ଡଗିରି, ଭୁବନେଶ୍ୱର

➤ଜଣା ଅଜଣା ସ୍ତମ୍ଭରେ ଅଧିକ ତଥ୍ୟ ପ୍ରକାଶ ପାଇଲେ ଭଲ ହୁଅନ୍ତା।
–ଶିବାନୀ ପଟ୍ଟନାୟକ
ବ୍ରହ୍ମଗିରି, ପୁରୀ

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

## ଚଗଲା ଭୀମୁ



# 'ରାଖୀ' ପର୍ବ ଭଲପାଇବାର...








ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ପର୍ବ ରାଖୀ। ଏହି ଦିନ ଭଉଣୀ ନିଜ ଭାଇର ଦୀର୍ଘ ଜୀବନ କାମନା କରି ତା' ହାତରେ ସରାଗରେ ବାନ୍ଧିଦିଏ ରାଖୀଟିଏ। ଭାଇ ମଧ୍ୟ ପ୍ରତିବଦଳରେ ଭଉଣୀର ରକ୍ଷା କରିବା ଲାଗି ହୁଏ ପ୍ରତିଶ୍ରୁତିବଦ୍ଧ। ତେବେ ଏହି ନିଆରା ପରମ୍ପରାର ପର୍ବକୁ ପିଲାମାନେ କିଭଳି ପାଳନ କରନ୍ତି ସେ ସମ୍ପର୍କରେ...

**ଭାଇଙ୍କୁ ରାଖୀ ବାନ୍ଧି ଆଶୀର୍ବାଦ ନିଏ:** ମୁଁ ରାଖୀ ପୂର୍ଣ୍ଣିମାରେ ମୋ ବଡ ଭାଇଙ୍କ ହାତରେ ରାଖୀ ବାନ୍ଧେ। ସେ ମୋତେ ଉପହାର ଆକାରରେ ଚକୋଲେଟ୍ କିମ୍ବା ଡ୍ରେସ ଦେଇଥାନ୍ତି। ମିଠା ଖୁଆଇ ଭାଇଙ୍କୁ ବନ୍ଦାପନା କରିବା ସହ ଆଶୀର୍ବାଦ ମଧ୍ୟ ନିଏ।

**–ବୈଜୟନ୍ତୀ ସାହୁ,** କ୍ଲାସ-୭,
ଏକାମ୍ର ଶିକ୍ଷାନିକେତନ, ଭୀମଟାଙ୍ଗୀ, ଭୁବନେଶ୍ୱର

**ଠାକୁରଙ୍କୁ ରାଖୀ ବାନ୍ଧିବା ପରେ ଭାଇକୁ ରାଖୀ ବାନ୍ଧିବି:** ଭାଇ ଭଉଣୀଙ୍କ ଅତୁଟ ଭଲପାଇବାର ପ୍ରତୀକ ଏହି ରାଖୀ ପୂର୍ଣ୍ଣିମା। ଏହି ଦିନ ମୁଁ ମୋ ଭାଇ ହାତରେ ରାଖୀ ବାନ୍ଧିବା ସହ ମିଠା ଖୁଆଇ ଦିଏ। ସେ ବି ମୋତେ ମିଠା ଖୁଆଇ ଉପହାର ଦିଏ। ଏଥର ମୁଁ ବଜାରରୁ ସୁନ୍ଦର ରାଖୀଟିଏ କିଣି ଆଣିଛି। ରାଖୀ ପୂର୍ଣ୍ଣିମା ଦିନ ସକାଳୁ ନିତ୍ୟକର୍ମ ସାରି ପ୍ରଥମେ ଠାକୁରଙ୍କୁ ରାଖି ବାନ୍ଧିବି ତା'ପରେ ଭାଇକୁ ରାଖୀ ବାନ୍ଧିବି।

**– ହର୍ଷିତା ଖଟୁଆ,** କ୍ଲାସ-୯, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଯାଜପୁର ରୋଡ

**ଚକୋଲେଟ୍ ସହ ହେୟାର ବ୍ୟାଣ୍ଡ ଉପହାର ସ୍ୱରୂପ ଦେବି:** ରାଖୀ ପୁର୍ଣ୍ଣିମା ଆମ ଓଡିଆ ଘରର ଏକ ମହାନ୍ ପର୍ବ। ଏହି ଦିନ ଭଉଣୀ ଭାଇ ହାତରେ ଅତି ସରାଗରେ ରାଖୀ ବାନ୍ଧି ଥାଏ। ପ୍ରତିବର୍ଷ ଏହି ଦିନ ମୋ ଭଉଣୀ ମଧ୍ୟ ମୋ ହାତରେ ରାଖୀ ବାନ୍ଧେ। ଉପହାର ସ୍ୱରୂପ ମୁଁ ତାକୁ ଚକୋଲେଟ୍ ଦିଏ। ଏଥର କିନ୍ତୁ ଚକୋଲେଟ୍ ସହ ହେୟାର ବ୍ୟାଣ୍ଡ ଦେବି ବୋଲି ଭାବିଛି।

**–ସଞ୍ଜୟ କୁମାର ଦତ୍ତ,** କ୍ଲାସ-୭, ବୀଣାପାଣି ଶିଶୁ ବିଦ୍ୟା ମନ୍ଦିର, ସି.ଡି.ଏ , ସେକ୍ଟର-୯, କଟକ

**ସାନ ଭଉଣୀ ହାତରେ ରାଖୀ ବାନ୍ଧେ:** ଆମ ପର୍ବପର୍ବାଣି ମଧ୍ୟରୁ ରାଖୀ ପୂର୍ଣ୍ଣିମା ମୋର ପସନ୍ଦ। ଯଦିଓ ମୋର କେହି ଭାଇ ନାହାନ୍ତି ତଥାପି ଏ ପର୍ବକୁ ମୁଁ ବେଶ୍ ମନଭରି ଉପଭୋଗ କରେ। ପ୍ରତ୍ୟେକ ବର୍ଷ ରାଖୀ ପୂର୍ଣ୍ଣିମାରେ ମୁଁ ତିନୋଟି ରାଖୀ ନିଜେ ତିଆରି କରେ। ମା' ମୋତେ ଏଥିପାଇଁ ସାହାଯ୍ୟ କରନ୍ତି। ସେଦିନ ସକାଳୁ ନିତ୍ୟକର୍ମ ସାରି ଘର ପାଖରେ ଥିବା ହନୁମାନ ମନ୍ଦିରକୁ ଯାଏ। ପିଠା, ମିଠା, ଫୁଲ, ଦୀପ ଦେଇ ହନୁମାନଙ୍କୁ ରାଖୀ ବାନ୍ଧେ। ସେଠାରୁ ଫେରି ମୋ ସାନ ଭଉଣୀକୁ ରାଖୀ ବାନ୍ଧେ, ସେ ମଧ୍ୟ ମୋ ହାତରେ ରାଖୀ ବାନ୍ଧେ। ଘରେ ମା' ତିଆରି କରିଥିବା ପିଠା ଖାଇ ଏ ଦିନଟିକୁ ହସଖୁସିରେ ପାଳନ କରେ।

**–ଯାଜ୍ଞସ୍ମିତା ପାଢୀ,** କ୍ଲାସ-୪,
ସତ୍ୟସାଇ ବିଦ୍ୟାମନ୍ଦିର, ବାଲୁଗାଁ



# ସ୍ୱାଧୀନତା ଦିବସ



୧୯୪୭ ମସିହା ଅଗଷ୍ଟ ୧୫ ତାରିଖ, ଭାରତ ଇତିହାସର ଏକ ମହାନ୍ ଦିନ। ଏହି ଦିନ ଆମ ଭାରତବର୍ଷରେ ଉଡିଥିଲା ସ୍ୱାଧୀନତାର ଧ୍ୱଜା। ସେହିଦିନଠାରୁ ଏହି ଦିବସକୁ ମନେପକାଇବାକୁ ଯାଇ ଆମେ ପ୍ରତିବର୍ଷ ଅଗଷ୍ଟ ୧୫ ତାରିଖକୁ ସ୍ୱାଧୀନତା ଦିବସ ଭାବେ ପାଳନ କରି ଆସୁଛୁ। ତେବେ ଏହି ଦିବସଟିକୁ ପିଲାମାନେ କିଭଳି ପାଳନ କରନ୍ତି ଜାଣନ୍ତୁ ସେ ସମ୍ପର୍କରେ...



**ଶହୀଦଙ୍କ ସ୍ମୃତିଚାରଣ କରିବି :** ଏଥର ବିଦ୍ୟାଳୟରେ ଅଗଷ୍ଟ ୧୫ ଆନନ୍ଦ ଉଲ୍ଲାସରେ ସାଙ୍ଗସାଥୀଙ୍କ ସହ ପାଳିବି। ଏହିଦିନ ଶ୍ରୀ ଅରବିନ୍ଦଙ୍କ ଜନ୍ମବାର୍ଷିକ ଉତ୍ସବ ମଧ୍ୟ ପାଳନ ହେବ। ବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ଅଂଶଗ୍ରହଣ କରି ବୀର ଶହୀଦମାନଙ୍କ ସ୍ମୃତିଚାରଣ କରିବି।

**– ଆଦିତ୍ୟ ପ୍ରସାଦ ସାହୁ,** କ୍ଲାସ – ୮, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଡୁବୁରୀ, ଯାଜପୁର



**ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବି :** ସ୍ୱାଧୀନତା ଦିବସ ପୂର୍ବଦିନ ମୁଁ ମୋର ସାଙ୍ଗସାଥୀ ଓ ବଡ ଭାଇମାନଙ୍କ ସହ ବିଦ୍ୟାଳୟ ପରିବେଶକୁ ପରିଷ୍କାର କରିବି। ଅଗଷ୍ଟ ୧୫ ଦିନ ସକାଳେ ପରିଷ୍କାର ପୋଷାକ ଓ ଜୋତା ପିନ୍ଧି ବିଦ୍ୟାଳୟକୁ ଆସିବି। ପ୍ରତି ଭାରତୀୟଙ୍କ ମନରେ ଗର୍ବ ଭରିଦିଏ ଏହି ଦିନ। ବିଦ୍ୟାଳୟର ଏନ୍‌ସିସି, ଜେସିଆର୍ ଓ ସ୍କାଉଟ୍‌ରେ ଭାଗ ନେଇଥିବା ପିଲାମାନେ ନିଜ ନିଜର ୟୁନିଫର୍ମ ପିନ୍ଧି ବିଦ୍ୟାଳୟକୁ ଆସିବେ। ଆମ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରିସାରିବା ପରେ ସମସ୍ତେ ସରକାରୀ ମଧ୍ୟଇଂରାଜୀ ବିଦ୍ୟାଳୟର ଖେଳପଡିଆକୁ ଯିବୁ। ସେଠାରେ ଏନ୍‌ଏସି ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ହେବ। ପତାକା ଉତ୍ତୋଳନ, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସରିବା ପରେ ସମସ୍ତେ ନିଜ ନିଜ ବିଦ୍ୟାଳୟକୁ ଫେରିବୁ।

**– ଶୁଭଙ୍କର ସାହୁ,** କ୍ଲାସ-୯,
ରଘୁନାଥ ବିଦ୍ୟାପୀଠ, ଓଡଗାଁ,ନୟାଗଡ



**ଦେଶ ପାଇଁ ପ୍ରାଣ ଦେଇଥିବା ବ୍ୟକ୍ତିଙ୍କୁ ସ୍ମରଣ କରିବି :** ସ୍ୱାଧୀନତା ଦିବସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ଦିନ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ମୁକ୍ତ ଭାବେ ଏହି ଦିନଟିକୁ ପାଳନ କରିବାର ଯଥାର୍ଥତା ରହିଛି। ଯେଉଁ ଅଗଣିତ ବ୍ୟକ୍ତିଙ୍କ ବଳିଦାନରେ ଆମ ଦେଶ ସ୍ୱାଧୀନ ହେଲା ସେମାନଙ୍କୁ ସ୍ମରଣ କରିବା ସହ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତି ଭାରତୀୟ କାର୍ଯ୍ୟ କରିପାରିଲେ ସେମାନଙ୍କ ପ୍ରତି ଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ଏହି ଚିନ୍ତାଧାରାକୁ ଆଦର୍ଶ ମାନିଲେ ପରବର୍ତ୍ତୀ ପିଢି ସୁସ୍ଥ ଭାରତବର୍ଷ ଗଠନ କରିପାରିବେ।

**– ପ୍ରଫୁଲ୍ଲା ରାଣୀ ମହାନ୍ତି,** କ୍ଲାସ – ୯,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଛତ୍ରପୁର, ଗଞ୍ଜାମ



**ଗର୍ବ ଓ ଆନନ୍ଦ ଭରିଦିଏ :** ଏ ବର୍ଷ ବିଦ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳିବୁ। ବିଦ୍ୟାଳୟ ଅଧ୍ୟକ୍ଷ ଜାତୀୟ ପତାକା ଉତ୍ତୋଳନ କରିବେ। ଆମେ ଜାତୀୟ ସଙ୍ଗୀତ ଗାନ କରିବୁ। ଶିକ୍ଷକ ଏବଂ ଛାତ୍ରୀଛାତ୍ର ସ୍ୱାଧୀନତା ସଂଗ୍ରାମ ଏବଂ ସଂଗ୍ରାମୀଙ୍କ ବିଷୟରେ କହିବେ। ଏହିଦିନଟି ମୋ ମନରେ ଅନେକ ଗର୍ବ ଓ ଆନନ୍ଦ ଭରିଦିଏ। ଲାଗେ ସତେ ଯେମିତି ଗୋଟିଏ ଅମୂଲ୍ୟ ସମ୍ପଦ ଆମେ ବିନା ପରିଶ୍ରମରେ ପାଇଛୁ। ଯେଉଁମାନେ ଏଥିପାଇଁ ମୂଲ୍ୟ ଦେଇ ଯାଇଛନ୍ତି, ତାଙ୍କ ପ୍ରତି ସମ୍ମାନରେ ମୁଣ୍ଡ ନଇଁଯାଏ।

**– ପ୍ରତିଶ୍ରୁତି ମହାପାତ୍ର,**
କ୍ଲାସ-୧୦, କେନ୍ଦ୍ରୀୟ ବିଦ୍ୟାଳୟ, ବରଗଡ





୧




୨



୩



୪



୯




୫



୬



୭




୮




୧୦



**ରିତିକା କାନୁନ୍‌ଗୋ**
କ୍ଲାସ – ୯, ମଣିଚରଣ
ଶାରଳା ଏକାଡେମୀ, ତିର୍ତ୍ତୋଲ,
ଜଗତ୍‌ସିଂହପୁର

୧



**ମହାଶ୍ୱେତା ସାହୁ,**
କ୍ଲାସ– ୟୁକେଜି, ଲୋଟସ୍
ଇଣ୍ଟରନ୍ୟାଶନାଲ୍ ସ୍କୁଲ,
ସୋହେଲା, ବରଗଡ

୨



**ଭବାଂଶୀ ହୋତା**
କ୍ଲାସ – ୪, ସାରସ୍ୱତ ବାଲ୍
ମନ୍ଦିର,
ଜୟପୁର

୩



**ଆଶିଷ୍ ଦାସ**
କ୍ଲାସ – ୧, ସେଣ୍ଟ୍ ଆନେ
କନ୍‌ଭେଣ୍ଟ୍ ସ୍କୁଲ,
ବାରିପଦା

୪



**ଅଂଶୁଲ ଦାସ**
କ୍ଲାସ– ୩, ଲିଟିଲ୍
ଫ୍ଲାୱାର ସ୍କୁଲ,
ବଲାଙ୍ଗୀର

୫



**ସତ୍ୟମ୍ ଷଡଙ୍ଗୀ**
କ୍ଲାସ–୬, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ଟାଙ୍ଗୀ, କଟକ

୬



**ଶ୍ରେୟାଶ୍ରୀ ପଣ୍ଡା**
କ୍ଲାସ– ୫, ସେଣ୍ଟ୍
ଯୋଶେଫ୍ ହାଇସ୍କୁଲ,
ଭୁବନେଶ୍ୱର

୭



**ଅନୁଷ୍କା ବେଉରା**
କ୍ଲାସ–୫, ସେଣ୍ଟ୍ ଯୋଶେଫ୍
ହାୟର ସେକେଣ୍ଡାରି ସ୍କୁଲ,
ଭୁବନେଶ୍ୱର

୮



**ଶ୍ରେୟାଲ ପଣ୍ଡା**
କ୍ଲାସ – ୫, ସେଣ୍ଟ ଯୋଶେଫ୍
ହାଇସ୍କୁଲ,
ଭୁବନେଶ୍ୱର

୯



**ପି.ସି. ବାଦଲ କୁମାର**
କ୍ଲାସ – ୪, ଭେଙ୍କଟେଶ୍ୱର
ସ୍କୁଲ, ଜାରକା,
ଯାଜପୁର

୧୦







## ଏ ଥ ର ର ପ୍ର ଶ୍ନ

★ ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି କିଏ ଥିଲେ ?

★ ସ୍ୱାଧୀନ ଭାରତର ପ୍ରଥମ ମହିଳା ମନ୍ତ୍ରୀ ଥିଲେ କିଏ ?

★ ୧୯୪୭, ଅଗଷ୍ଟ ୧୫ରେ ଦିଲ୍ଲୀର କେଉଁଠାରେ ଜାବାହରଲାଲ ନେହେରୁ ସ୍ୱାଧୀନ ଭାରତର ପ୍ରଥମ ଜାତୀୟ ପତାକା ଉତ୍ତୋଳନ କରିଥିଲେ ?

★ ଚଳିତ ବର୍ଷ ଆମେ କେତେ ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛେ ?

## ଆରଥରର ଉ ତ୍ତ ର

✲ ଏସିଆ

✲ ବ୍ୟାଙ୍କକ୍

✲ ରୁଷିଆ

✲ ଚାଇନା

✲ ଆଫ୍ରିକା

## ଜାତୀୟ ପତାକା

ଜାତୀୟ ପତାକା ଉଡୁଥାଏ ଫରଫର
ନାରଙ୍ଗୀ, ଧଳା, ସବୁଜ ରଙ୍ଗ ଏହାର ।
ନାରଙ୍ଗୀ ରଙ୍ଗଟି ଅଟେ ତ୍ୟାଗର ପ୍ରତୀକ
ଧଳା ରଙ୍ଗ ଶାନ୍ତିର ଏହା ମନେ ରଖ ।
ସବୁଜ ରଙ୍ଗ କହେ ବୀରତ୍ୱର କଥା
ଅଶୋକଚକ୍ର କହେ ଆମ ଶୌର୍ଯ୍ୟ ଗାଥା ।
ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସେ
ଉତ୍ତୋଳିତ ହୋଇ କି ସୁନ୍ଦର ଦିଶେ ।
ଖଦି କନାରେ ଏହା ହୋଇଛି ତିଆରି
ଓସାର ଓ ମାପେ ନିର୍ଦ୍ଦିଷ୍ଟତା କରି ।
ପିଙ୍ଗାଲି ଭେଙ୍କିୟାଙ୍କ ଚୂଡ଼ାନ୍ତ ଅଙ୍କନ
ଜାତୀୟ ପତାକାର ଏହି ବିବରଣ ।
ଅନ୍ୟ କେଉଁ ଧ୍ୱଜା ଏହାର ସାଥିରେ
ଉଡ଼ି ନ ପାରିବ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ।
ଉତ୍ତୋଳିତ ପତାକା ଅବତରିତ ସନ୍ଧ୍ୟାରେ
ଉଡ଼ିପାରେ ସବୁଦିନ ସର୍ବୋଚ୍ଚ ସ୍ତମ୍ଭରେ ।
କେହି ରାଷ୍ଟ୍ରୀୟ ମୁଖ୍ୟ ଦିବଂଗତ ହେଲେ
ପତାକା ଅର୍ଦ୍ଧନମିତ ରହେ ସେତେବେଳେ ।

**–ରାମଚନ୍ଦ୍ର ଦାଶ**
ବିଦ୍ୟାଧରପୁର, ଗୁଆଳି ଗୋରଡ଼ା, ଗବକୁଣ୍ଡ, ପୁରୀ



## ସେବା କରୁଥିବା ସାରା ଜୀବନ



ଅଗଷ୍ଟ ପନ୍ଦର ଆସିଛି ପୁଣି,
ଉଡୁଛି ତ୍ରିରଙ୍ଗା ଜଳେ ରୋଶଣି ।

ଏଇଦିନ ଆମେ ସ୍ୱାଧୀନ ହେଲୁ,
ନିଜର ହାତକୁ ଶାସନ ନେଲୁ ।

ଭାରତର ଶିଶୁ ସୈନିକ ଆମେ,
ଶପଥ ନେଇଛୁ ତାହାରି ନାମେ ।

ଭାରତ ଭୂଇଁରେ ତ୍ରିରଙ୍ଗା ମାନ୍ୟ,
ରଖିବୁ ତାହାର ମାନ ସମ୍ମାନ ।

ଚନ୍ଦ୍ର ମଙ୍ଗଳକୁ ଛୁଇଁପାରିଛୁ,
ସୂର୍ଯ୍ୟକୁ ଛୁଇଁବା ମନ କରିଛୁ ।

ବିଜୟର ଗାଥା ଆମ ବଚନ,
ଦେଶ ପାଇଁ ଆମେ ଦେବା ଜୀବନ ।

ମାଟି ନୁହେଁ ସିଏ ଆମରି ମାଆ,
ତା' ପାଣି ପବନ ଆମରି ସାହା ।

ଆମେ ପରା ତା'ର କୁଳ ନନ୍ଦନ,
ସେବା କରୁଥିବା ସାରା ଜୀବନ ।

**–ମଧୁସ୍ମିତା ସ୍ୱାଇଁ**
ପାଣିକଟା, ବାଳକାଟୀ, ଭୁବନେଶ୍ୱର

## କ ବି ତା



### ଆସିଗଲା ଭାଇ
## ରାଖୀ ପୂନେଇଁ

ବରଷକ ପରେ ଆସିଗଲା ଭାଇ
ବଡ଼ ପୂନିଅଁ ଏ ରାଖୀ ପୂନେଇଁ,
ସୁନା ଭାଇ ହାତେ ବାନ୍ଧି ଦେବ ରାଖୀ
ସୁନା ଭଉଣୀଟି ବସିଛି ଚାହିଁ ।
ଗାଁ ସହରରେ, ଘରେ ଘରେ ଆଜି
କି' ସେନେହ, କେତେ ଖୁସି ସରାଗ,
କେତେ ପିଠାପଣା, ଖିରି ଖେଚେଡ଼ିର
ବଢ଼ିଆ ସୁବାସ, କେତେ ସୁଆଦ ।
ରଙ୍ଗବେରଙ୍ଗର ପୋଷାକରେ କେତେ
ସୁନ୍ଦର ଲାଗନ୍ତି ଘରେ ସଭିଏଁ,
ଚାହାଳି, ଇସ୍କୁଲ, କଲେଜ ଛୁଟିରେ
ଭାରି ଖୁସି ଆଜି ସବୁ ପିଲାଏ ।
ଭାଇ–ଭଉଣୀଙ୍କ ସ୍ନେହ ମମତାର
ବଡ଼ ପରବ ଏ ଭାରତ ଭରା,
ଦେଶ ବିଦେଶେ ବି ଆନନ୍ଦର ଢେଉ
ରାଖୀ ପାଳେ ଆଜି ଦୁନିଆ ସାରା ।
ସଜବାଜ ହୋଇ ଆସ କୁନା, ଟୁନା
ରୁବିନା, ଛବିନା, ଝୁମୁରୁ ଝାଇଁ,
ବରଷକ ପରେ ଦେଶ, ଦୁନିଆରେ
ଆସିଗଲା ଭାଇ ରାଖୀ ପୂନେଇଁ ।

**–ଆର୍ତ୍ତତ୍ରାଣ ମିଶ୍ର,** ପ୍ରାଚାର୍ଯ୍ୟ, କେନ୍ଦ୍ରୀୟ ବିଦ୍ୟାଳୟ–୧, ୟୁନିଟ୍–୯, ଭୁବନେଶ୍ୱର



## ରକ୍ଷା ବନ୍ଧନ

ଗ୍ରୀଷ୍ମଋତୁ ପରେ ଆଷାଢ଼ ଶ୍ରାବଣେ
ବର୍ଷାଋତୁ ଯେବେ ଆସେ
କଳାମେଘ ସାଥେ ବିଜୁଳି ଚମକେ
ଆକାଶୁ ଜଳ ବରଷେ ।
ଆଷାଢ଼ରେ ପଡେ ରଥଯାତ୍ରା ପରା
ଶ୍ରୀକ୍ଷେତ୍ରେ ଲାଗେ ଉତ୍ସବ,
ଶ୍ରାବଣମାସର ଅମାବାସ୍ୟା ଅଟେ
ଚିତାଲାଗିର ଉତ୍ସବ ।
ଶ୍ରାବଣ ଶେଷରେ ଗହ୍ମାପୂର୍ଣ୍ଣମୀରେ
ଆସେଟି ରକ୍ଷା ବନ୍ଧନ ,
ଭାଇ ହସ୍ତେ ଭଗ୍ନୀ ରାଖୀ ବାନ୍ଧିଦିଏ
ମଥାରେ ଦେଇ ଚନ୍ଦନ ।
ତା'ମୁଣ୍ଡେ ପକାଇ ଫୁଲ ଚାଉଳ ସେ
ଦୀପ ଜଳାଇ ବନ୍ଦାଏ ,
ଏଣ୍ଡୁରି ପିଠାରେ ମିଠା ଖୋଇ ତାକୁ
ଭରସା ତା ମାଗିଥାଏ ।
ଏ ରକ୍ଷାବନ୍ଧନ ସାରା ଭାରତରେ
ଭାଇଚାରା ସୃଷ୍ଟି କରେ,
ପ୍ରତିଟି ପ୍ରାଣକୁ ସ୍ୱର୍ଗ ସୁଖ ଦେଇ
ସଦ୍‌ଭାବନାରେ ଭରେ ।

**–ଶରତ କୁମାରୀ ଷଡ଼ଙ୍ଗୀ**
ନରିଶୋ,ନିଆଳି,କଟକ





# ଆମ ଜାତୀୟ ପତାକା

**ପ୍ରତ୍ୟେକ ସ୍ୱାଧୀନ ରାଷ୍ଟ୍ରର ନିଜସ୍ୱ ଜାତୀୟ ପତାକା ରହିଥାଏ। ଭାରତର ଜାତୀୟ ପତାକା ହେଉଛି ତ୍ରିରଙ୍ଗା। ତେବେ କିଛି ତଥ୍ୟ ଏହି ତ୍ରିରଙ୍ଗା ପତାକା ସମ୍ପର୍କରେ...**

- ❖ଭାରତୀୟ ରାଷ୍ଟ୍ରୀୟ ଧ୍ୱଜାରେ ତିନୋଟି ରଙ୍ଗର ସମାନ୍ତରାଳ ପଟି ରହିଛି। ସବା ଉପରେ ନାରଙ୍ଗୀ ରଙ୍ଗ, ମଝିରେ ଧଳା ଏବଂ ତଳେ ସବୁଜ ରଙ୍ଗ ରହିଛି।
- ❖ପତାକାର ଦୈର୍ଘ୍ୟ ଓ ପ୍ରସ୍ଥର ଅନୁପାତ ତିନି ଭାଗକୁ ଦୁଇ ଭାଗ ରହିଥାଏ।
- ❖ପତାକାର ମଝି ଭାଗରେ ଥିବା ଧଳାରଙ୍ଗ ମଝିରେ ନୀଳରଙ୍ଗର ଏକ ଚକ୍ର ରହିଛି।
- ❖ଏହି ଚକ୍ରକୁ ଅଶୋକ ଚକ୍ର ବୋଲି କୁହାଯାଏ। ଏଥିରେ ୨୪ଟି ଅର ରହିଛି।
- ❖ପତାକାରେ ଥିବା ନାରଙ୍ଗୀ ରଙ୍ଗ ଦେଶର ଶକ୍ତି ସାହସକୁ ଦର୍ଶାଉଥିବା ବେଳେ ଧଳା ରଙ୍ଗ ଶାନ୍ତି ଏବଂ ସବୁଜ ରଙ୍ଗ ଭୂମିର ପବିତ୍ରତା ତଥା ଉର୍ବରତାକୁ ଦର୍ଶାଇ ଥାଏ।
- ❖୧୯୪୭ ଜୁଲାଇ ୨୨ ତାରିଖରେ ସମ୍ବିଧାନ ସଭାଗୃହରେ ତ୍ରିରଙ୍ଗାକୁ ଭାରତୀୟ ରାଷ୍ଟ୍ରୀୟ ଧ୍ୱଜାର ସ୍ୱୀକୃତି ପ୍ରଦାନ କରାଗଲା।
- ❖୧୯୪୭ ଅଗଷ୍ଟ ୧୫ ଏବଂ ୧୯୫୦ ଜାନୁୟାରୀ ୨୬ ମଧ୍ୟରେ ଏହାକୁ ରାଷ୍ଟ୍ରୀୟ ଧ୍ୱଜା ରୂପେ ଗ୍ରହଣ କରାଗଲା।
- ❖୨୦୦୨ ମସିହା ଜାନୁୟାରୀ ୨୬ରେ କିଛି ନିୟମ ପ୍ରଣୟନ କରାଯାଇ ପତାକା ଉତ୍ତୋଳନ ସମ୍ପର୍କରେ କେତେକ ନିୟମ ପ୍ରଣୀତ ହେଲା।





# ରାଖୀ କେଉଁଠି କେମିତି

**ସମୃଦ୍ଧ ସଂସ୍କୃତି ଏବଂ ରଙ୍ଗିନ ପର୍ବପର୍ବାଣି ଲାଗି ଭାରତ ସାରା ବିଶ୍ୱରେ ପରିଚିତ। ପ୍ରତ୍ୟେକ ପର୍ବପର୍ବାଣିର ରହିଛି ମଧ୍ୟ ସ୍ୱତନ୍ତ୍ର ମହତ୍ୱ। ସେସବୁ ପର୍ବପର୍ବାଣି ମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ। ଭାଇ ଭଉଣୀଙ୍କ ନିଆରା ସମ୍ପର୍କକୁ ନେଇ ପାଳନ କରାଯାଉଥିବା ଏହି ପର୍ବ ଭାରତୀୟ ସଂସ୍କୃତିର ପ୍ରତିଛବି ବହନ କରେ। ସମଗ୍ର ଭାରତ ବର୍ଷରେ ଏହି ପର୍ବକୁ ଭିନ୍ନ ଭିନ୍ନ ନାମ ତଥା ଭିନ୍ନ ବିଧିବିଧାନ ସହ ପାଳନ କରାଯାଏ। ତେବେ ଜାଣନ୍ତୁ ରାଖୀ ପୂର୍ଣ୍ଣିମା କେଉଁଠି କିଭଳି ପାଳନ କରାଯାଏ...**

- ✲ **ଝୁଲଣ ପୂର୍ଣ୍ଣିମା:** ଓଡ଼ିଶା ତଥା ପଶ୍ଚିମବଙ୍ଗରେ ରାଖୀ ପୂର୍ଣ୍ଣିମାକୁ 'ଝୁଲଣ ପୂର୍ଣ୍ଣିମା' ବୋଲି ମଧ୍ୟ କୁହାଯାଏ। ଏହି ଦିନ ଭଉଣୀ ଭାଇ ହାତରେ ରାଖୀ ବାନ୍ଧିବାର ପରମ୍ପରା ତ ରହିଥାଏ ତା ସହ ଏହି ଦିନ ରାଧାକୃଷ୍ଣଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଇଥାଏ। ଏହି ପର୍ବ ଓଡିଶାରେ ଗହ୍ମାପୂର୍ଣ୍ଣିମା ଭାବେ ମଧ୍ୟ ବେଶ୍ ପରିଚିତ।
- ✲ **ନାରିୟଲ ପୂର୍ଣ୍ଣିମା:** ମହାରାଷ୍ଟ୍ରରେ ଏହି ପର୍ବ 'ନାରିୟଲ ପୂର୍ଣ୍ଣିମା' ଭାବେ ମଧ୍ୟ ପରିଚିତ। ଏହି ଦିନ ମୁମ୍ବାଇରେ ଥିବା ସମୁଦ୍ରକୁ ନଡିଆ ଫିଙ୍ଗି ସମୁଦ୍ର ଦେବତା ଏବଂ ବରୁଣଙ୍କୁ ପୂଜା କରିବାର ପ୍ରଥା ରହିଛି।
- ✲ **ଅଭନି ଅଭିତ୍ତମ୍:** ତାମିଲନାଡୁ ଏବଂ କେରଳରେ ଏହି ପର୍ବ 'ଅଭନି ଅଭିତ୍ତମ' ନାମରେ ପରିଚିତ। ଏହି ଦିନ ବ୍ରାହ୍ମଣମାନେ ନଦୀ ବା ସମୁଦ୍ରରେ ବୁଡ ପକାଇ 'ଜନାନୁ' ନାମକ ପବିତ୍ର ସୂତା ଦେହରେ ପରିଧାନ କରିଥାନ୍ତି। ଏହା ସହ ଭଉଣୀ ଭାଇକୁ ରାଖୀ ବାନ୍ଧିବାର ପରମ୍ପରା ମଧ୍ୟ ରହିଛି।
- ✲ **ପବିତ୍ରୋପନ:** ଗୁଜରାଟରେ ଏହି ପର୍ବ 'ପବିତ୍ରୋପନ' ଭାବେ ପରିଚିତ। ଏହି ଦିନ ମହିଳାମାନେ ଭଗବାନ ଶିବଙ୍କୁ ଜଳାଭିଷେକ କରି ପୂଜାର୍ଚ୍ଚନା କରିଥାନ୍ତି।
- ✲ **କଜରୀ ପୂର୍ଣ୍ଣିମା:** ମଧ୍ୟଭାରତରେ ଏହି ପର୍ବ 'କଜରୀ ପୂର୍ଣ୍ଣିମା' ଭାବେ ପାଳନ କରାଯାଏ। ଏହା ସେଠାକାର କୃଷକମାନଙ୍କର ଏକ ବିଶେଷ ପର୍ବ। ଏହି ଦିନ କୃଷକମାନେ ନିଜ ଜମିକୁ ପୂଜା କରିବା ସହ ନିଜ ସନ୍ତାନମାନଙ୍କ ଦୀର୍ଘଜୀବନ ଲାଗି କାମନା କରିଥାନ୍ତି।



# ଆଇନା

ଆରଣ୍ୟକ୍
୯ ବର୍ଷ





ପ୍ରତ୍ୟୁଷ
୯ ବର୍ଷ



ଅଂଶ
୫ ବର୍ଷ